# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30 July - 2024**

**News Editor : Itishree Singh Rathaur**

**************************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଆଜି ଶୃଙ୍ଖଳିତ ଏବଂ ସ୍ୱାଭାବିକ ଚାଲିଛି ଗୃହକାର୍ଯ୍ୟ ।

- ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ନେଇ ବିରୋଧୀ ଦଳ ସଦ୍ୟଙ୍କ ପକ୍ଷରୁ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ।

- ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳରେ ୧ ଲକ୍ଷ ୮୪ହଜାରରୁ ଉର୍ଦ୍ଧ୍ୱ ବାସଗୃହ ନିର୍ମାଣ ପାଇଁ କେନ୍ଦ୍ର ସରକାର ଦେଲେ ଅନୁମତି ।

- ହାଓଡା-ମୁମ୍ବାଇ ମେଲ୍ ଦୁର୍ଘଟଣାରେ ଅନୁକମ୍ପାମୂଳକ ଆର୍ଥିକ ସହାୟତା ରାଶି ଘୋଷଣା କଲା ରେଳ ମନ୍ତ୍ରଣାଳୟ ।

ଏବଂ

- ପ୍ୟାରିସ୍ ଅଲମ୍ପିକ୍ସରେ ପ୍ରଥମ ଭାରତୀୟ ଭାବେ ୨ଟି ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ରଚିଲେ ମହିଳା ସୁଟର ମନୁ ଭାକର ।

## ବିଧାନସଭା-୨

ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦର ବୃଦ୍ଧିପାଇବା ଏବଂ ସରକାର ନୀରବଦ୍ରଷ୍ଟା ସାଜିବା ଅଭିଯୋଗ ନେଇ ଆଜି ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ନୋଟିସ୍ ଉପରେ ଆଲୋଚନା ହୋଇଥିଲା। ବିରୋଧୀ ଦଳର ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ଗଣେଶ୍ୱର ବେହେରା, ବ୍ୟୋମକେଶ ରାୟ, ଅଶୋକ ଦାସ ଏବଂ ରାମଚନ୍ଦ୍ର କାଡ଼ାମ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନେ କହିଥିଲେ ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁଁ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଶାସକ ଦଳରୁ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅମରେନ୍ଦ୍ର ଦାସ, ଦୁର୍ଗାପ୍ରସନ୍ନ ନାୟକ ଓ ଦୁଷ୍ମନ୍ତ ସ୍ୱାଇଁ ଦୃଷ୍ଟି ଆକର୍ଷଣକାରୀ ନୋଟିସ୍ ଆଲୋଚନାରେ ଭାଗ ନେଇ ବିରୋଧୀ ଦଳର ସମାଲୋଚନାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିହିତ କରିଥିଲେ।

ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ହାରାହାରି ଦର ଠାରୁ ଆମ ଓଡ଼ିଶାରେ ତୁଳନାତ୍ମକ ଭାବେ ଦର କମ୍ ରହିଛି। ସୁଲଭ ମୂଲ୍ୟରେ ଲୋକ କିପରି ସାମଗ୍ରୀ ପାଇବେ, ସେଥିପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି।

ଦରଦାମ ନିୟନ୍ତ୍ରଣ ସହିତ ମୁନାଫାଖୋର ଓ ଅସୁଧା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବିଧାନସଭା-୧

ଅନ୍ୟପକ୍ଷରେ, ଓଡ଼ିଶା ବିଧାନସଭା ବଜେଟ୍ ଅଧିବେଶନର ଆଜି ସପ୍ତମ କାର୍ଯ୍ୟ ଦିବସରେ ଗୃହକାର୍ଯ୍ୟ ଶୃଙ୍ଖଳିତ ଓ ସ୍ୱାଭାବିକ ଭାବେ ଚାଲିଛି। ପ୍ରଥମେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶୂନ୍ୟକାଳ ଏବଂ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ସରଗରମ ଆଲୋଚନା ହୋଇଥିଲା। ଗୃହରେ ଦ୍ୱିତୀୟାର୍ଦ୍ଧରେ ବଜେଟ୍ ଉପରେ ଆଲୋଚନା ହୋଇଛି ।

ବାଚସ୍ପତି ପ୍ରଥମେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ବଜେଟ୍ ଉପରେ ଆଲୋଚନା ପାଇଁ ଅନୁମତି ଦେଇଥିଲେ। ଶ୍ରୀ ହରିଚନ୍ଦନ କହିଛନ୍ତି ନୂଆ ସରକାର ଗଠନ ହେବା ଦିନରୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଦୃଢ ଇଚ୍ଛାଶକ୍ତିର ସହ ସରକାର କାମ ଆରମ୍ଭ କରିଛନ୍ତି। ଓଡ଼ିଶାର ଚାଷୀ, ମହିଳାମାନଙ୍କ ବିକାଶ ପାଇଁ ପ୍ରାଥମିକତା ଦିଆଯାଉଛି।

## ବିଧାନସଭା-୩

ବିଧାନସଭାରେ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି ୨୦୨୫ ମସିହା ଶେଷ ସୁଦ୍ଧା ପ୍ରତି ପରିବାରକୁ ପାନୀୟ ଜଳଯୋଗାଣ ସୁବିଧା ପହଞ୍ଚାଇବା ଲକ୍ଷ୍ୟ

ରଖାଯାଇଛି । ସଦସ୍ୟ ମନୋରଞ୍ଜନ ଝାଙ୍କ ସମାନ୍ତରାଙ୍କ ମୂଳ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ବିଭିନ୍ନ କେନ୍ଦ୍ରୀୟ ଯୋଜନା ଆଧାରରେ ଚୁକ୍ତିନାମା ସମ୍ପାଦନରେ ବିଳମ୍ବ ହେବା କାରଣରୁ କେତେକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ । ତେବେ ଯଥାଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସମସ୍ତ ପଦକ୍ଷେପ ନିଆଯାଇଛି । ଏହି ପ୍ରଶ୍ନ ଉପରେ ଗୃହରେ ଆଲୋଚନା ଚାଲିଥିବା ବେଳେ ବାଚସ୍ପତି ସୁରମା ପାଢ଼ି ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମକୁ ନିୟମିତ ତଦାରଖ କରିବା ସହ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହରାଞ୍ଚଳରେ ମୋଟ୍ ୧ଲକ୍ଷ ୮୪ହଜାର ୬୨୭ ବାସଗୃହ ନିର୍ମାଣ ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି । ସେଥିମଧ୍ୟରୁ ୧ଲକ୍ଷ ୨୮ହଜାର ୯୭୬ଟି ବାସଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ବୋଲି ବିଧାନସଭାରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଅନୁମୋଦିତ ବାସଗୃହ ମଧ୍ୟରୁ ୩୨ହଜାର ୯୧୮ଟି ନିର୍ମାଣାଧୀନ ଅଛି ଏବଂ ୨୨ହଜାର ୭୩୩ଟି ଘର ନିର୍ମାଣକାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି ।

## ଝାଡ଼ଖଣ୍ଡ-ରେଳ ଦୁର୍ଘଟଣା

ଝାଡ଼ଖଣ୍ଡରେ ହାଓଡା-ମୁମ୍ବାଇ ମେଲ୍‌ର ୧୮ଟି ବଗି ଲାଇନ୍‌ଚ୍ୟୁତ ଘଟଣାରେ ୨ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତିମାନେ ରାଉରକେଲା ଅଞ୍ଚଳର ହୋଇଥିବା ସମ୍ବାଦ ଆମର ହସ୍ତଗତ ହୋଇଛି । ରେଳବାଇ ମନ୍ତ୍ରଣାଳୟର ସୂଚନା ଅନୁସାରେ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ୧୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଘୋଷଣା କରାଯାଇଛି । ସେହିଭଳି ଗୁରୁତର ଆହତ ଯାତ୍ରୀମାନଙ୍କୁ ୫ଲକ୍ଷ ଏବଂ ଆହତଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଛି । ଆହତ ଯାତ୍ରୀମାନଙ୍କର ସମସ୍ତ ଚିକିତ୍ସାଖର୍ଚ୍ଚ ସରକାର ବହନ କରିବେ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

## ରେଳ ସଂଯୋଗ

କେନ୍ଦୁଝର-ବାଦାମପାହାଡ଼ ରେଳ ସଂଯୋଗ ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଲୋକସଭାରେ ସାଂସଦ ଅନନ୍ତ ନାୟକ ରେଳମନ୍ତ୍ରୀଙ୍କ ନିକଟରେ ଅନୁରୋଧ କରିଛନ୍ତି । ଶ୍ରୀ ନାୟକ କହିଛନ୍ତି କେନ୍ଦୁଝର ଓ ବାଦାମପାହାଡ ମଧ୍ୟରେ ରେଳଲାଇନ୍ କାର୍ଯ୍ୟର ଶିଳାନ୍ୟାସ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇନାହିଁ । ରେଳସଂଯୋଗ ହେବା ଦ୍ୱାରା ଉଭୟ ଜିଲ୍ଲାର ପରିବହନ ତଥା ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତି ହୋଇପାରିବ ବୋଲି ସାଂସଦ ଶ୍ରୀ ନାୟକ କହିଛନ୍ତି ।

## ମାଲଗାଡ଼ି ଲାଇନ୍‌ଚ୍ୟୁତ

ସମ୍ବଲପୁର ସରଲା ଷ୍ଟେସନ ନିକଟରେ ମାଲଗାଡ଼ି ଲାଇନ୍‌ଚ୍ୟୁତ ହୋଇଛି । ସମ୍ବଲପୁର ଏ.ଡି.ଡି.ଆର୍.ଏମ୍ ଆନନ୍ଦ ସିଂହ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିବା ଜଣାପଡିଛି । ସେ କହିଛନ୍ତି ଏକଜାମିନ୍ ଲାଇନ୍‌ରେ ଦୁର୍ଘଟଣା ଘଟିଛି । ତେବେ ଦୁର୍ଘଟଣା ପରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇନାହିଁ । ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି । ସୂଚନା ଅନୁସାରେ ଆଜି ଅପରାହ୍ଣରେ ଏକ ଖାଲି ମାଲଗାଡ଼ିର ଗୋଟିଏ ୱାଗନ ଲାଇନ୍‌ଚ୍ୟୁତ ହୋଇଥିଲା ।

## ପୁଲିସ ଅଧିକାରୀ ନିଲମ୍ବିତ

ରାଜ୍ୟ ସରକାର ପଦ ମର୍ଯ୍ୟାଦାର ଅପ ବ୍ୟବହାର ଅଭିଯୋଗରେ ବରିଷ୍ଠ ପୁଲିସ ଅଧିକାରୀ ପଣ୍ଡିତ ରାଜେଶ ଉତ୍ତମ ରାୟଙ୍କୁ ନିଲମ୍ବିତ କରିଛନ୍ତି । ଶ୍ରୀ ଉତ୍ତମରାୟ ଅଗ୍ନିଶମ ଓ ହୋମ୍‌ଗାର୍ଡ ବିଭାଗରେ ଡିଆଇଜି ଭାବେ କାର୍ଯ୍ୟରତ ଥିଲେ ।

## ପାଠ୍ୟପୁସ୍ତକ ବଣ୍ଟନ

ସମ୍ପୂର୍ଣ୍ଣତା ଅଭିଯାନରେ ଆକାଂକ୍ଷୀ ଜିଲ୍ଲା ନବରଙ୍ଗପୁରର ବିଦ୍ୟାଳୟ ମାନଙ୍କରେ ୯୯ ପ୍ରତିଶତ ପାଠ୍ୟପୁସ୍ତକ ବଣ୍ଟନ ଶେଷ ହୋଇଛି । ଜିଲ୍ଲାରେ ଥିବା ୧୬ଶହ ୧୭ଟି ବିଦ୍ୟାଳୟର ୧ଲକ୍ଷ ୨୩ହଜାର ୧୭୭ଜଣ ପ୍ରାଥମିକ ଶ୍ରେଣୀ ଛାତ୍ରଛାତ୍ରୀ, ୭୬ହଜାର ୪୯୯ଜଣ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି । ଜିଲ୍ଲାରେ ସମ୍ପୂର୍ଣ୍ଣତା ଅଭିଯାନରେ

ପାଠ୍ୟପୁସ୍ତକ ଯୋଗାଣର ଧାର୍ଯ୍ୟ ଲକ୍ଷ୍ୟ ନିଶ୍ଚିତ ରୂପେ ପୂରଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ କହିଛନ୍ତି । ଏଥିସହ ଅଷ୍ଟମ ଶ୍ରେଣୀ ବହି ଆବଶ୍ୟକତା 'ବୁକ୍ ବ୍ୟାଙ୍କ' ସହାୟତାରେ ପୂରଣ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି ।

## ବୈଠକ

କେନ୍ଦୁଝର ଜିଲ୍ଲା ହ୍ରଦଗଡ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ଭଲ ପାଠପଢ଼ିବା ସହ ଉତ୍ତମ ଚରିତ୍ର ଗଠନ ପ୍ରତି ଧ୍ୟାନଦେବାକୁ କମିଟି ସଦସ୍ୟବୃନ୍ଦ ପରାମର୍ଶ ଦେଇଛନ୍ତି ।

## ଅଲମ୍ପିକ୍ସ

ପ୍ୟାରିସ୍ ଅଲମ୍ପିକ୍ସ ୨୦୨୪ରେ ୧୦ମିଟର ଏୟାର ପିସ୍ତଲ ମିକ୍ସଡ୍ ଖେଳରେ ଭାରତୀୟ ସୁଟର ମନୁ ଭାକର ଓ ଶରବଜୋତ ସିଂହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହା ପୂର୍ବରୁ ମନୁ ଭାକର ମହିଳା ୧୦ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଭାରତୀୟ ଖେଳାଳିଙ୍କ ଏହି ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ଖେଳାଳିମାନେ ଅସାଧାରଣ ଦକ୍ଷତା ଏବଂ ଦଳଗତ ମନୋଭାବ ପ୍ରଦର୍ଶିତ କରିଛନ୍ତି ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

## ପାଣିପାଗ

ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆଗାମୀ ୨୪ ଘଣ୍ଟରେ ପ୍ରବଳ ବର୍ଷା ନେଇ ୧୯ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।